# କଟକ ସିଟି





## ଜାଗରରେ ଚଳଚଞ୍ଚଳ ଶୈବପୀଠ

# ଓଁ ନମଃ ଶିବାୟ



କଟକ, ୧୫ ।୨(ସମିସ)

ସର୍ବତ୍ର ଓଁ ନମଃ ଶିବାୟ। ଶିବଙ୍କ ଧ୍ୱନିରେ ପ୍ରକମ୍ପିତ ହୋଇଛି ସାରା ସହର। ମହାଶିବରାତ୍ରି ଉପଲକ୍ଷେ ସହରର ବିଭିନ୍ନ ଶୈବପୀଠରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ସାଜସଜ୍ଜାରେ ଚମକି ଥିଲା ସହରର ସମସ୍ତ ଦେବାଳୟ। ଗତ ଦୁଇ ବର୍ଷ ହେବ କୋଭିଡ଼ କଟକଣା ହେତୁ ଶ୍ରଦ୍ଧାଳୁମାନେ ସଠିକ ଭାବେ ଜାଗର ପାଳି ପାରିନଥିଲେ। ଆଜି ଭୋର ସମୟରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ, ଭକ୍ତଙ୍କ ଗହଳି

### ଅମରେଶ୍ୱର ମନ୍ଦିରରେ ଭୋର ୪ଟାରେ ଉଠିଲା ମହାଦୀପ

ଲାଗି ରହିଥିଲା। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ କୌଣସି ସ୍ଥାନରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନଥିବା ସୂଚନା ମିଳିଛି।

ବକ୍ସିବଜାର ଅମରେଶ୍ୱର ମହାଦେବ ମନ୍ଦିରରେ ଭୋର ୪ଟାରୁ ମନ୍ଦିରର ପହଡ଼ ଖୋଲିଥିଲା। ସ୍ନାନ ଶେଷ ହେବା ପରେ ପ୍ରଥମେ ସେବାୟତମାନେ ଦର୍ଶନ କରି ଥିଲେ। ଭୋର ୫ଟାରୁ ସାଧରଣ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଭୋର ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ଦର୍ଶନ କରିଥିଲେ। ରାତି ୧୦ଟା ପରେ ପହଡ ପଡ଼ିବା ପରେ ଠାକୁରଙ୍କର ମହାସ୍ନାନ ନୀତି କରାଯାଇଥିଲା। ହରି-ହର ଭେଟ ହେବା ପରେ ଭୋର ୪ଟାରେ ମହାଦୀପ ଉଠିଥିଲା। ସହରର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିରରେ ପ୍ରବଳ ଗହଳି ଲାଗିଥିଲା। ରାତ୍ର ୧୦ଟା ପରେ ଏଠାରେ ମହାଦୀପ ଉଠିଥିବା ଜଣାପଡ଼ିଛି। ସେହିପରି କଟକର ବେଲେଶ୍ୱର ମହାଦେବ ମନ୍ଦିର, ବାରଙ୍ଗ ସିଦ୍ଧେଶ୍ୱର ମନ୍ଦିର, କଳପଡ଼ା ଶିବମନ୍ଦିର, ଚହଟେଶ୍ୱର ମନ୍ଦିର, କପାଳେଶ୍ୱର ମନ୍ଦିର, ନିମପୁର ଶିବମନ୍ଦିର, ବୈଦେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର, ବିଡ଼ାନାସୀ



ଚହଟେଶ୍ୱର, ବାରପଥର ଅଷ୍ଟଶମ୍ଭୁ ମନ୍ଦିର, ପଞ୍ଚମୁଖୀ ମନ୍ଦିର, ଯୋବ୍ରା ପାରେଶ୍ୱର ମନ୍ଦିରରେ ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ସହରର ଶୈବପୀଠଗୁଡ଼ିକରେ ଉଜାଗର ରହି ଜାଗର ଦୀପ ଜାଳିଥିଲେ। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁଙ୍କ ବ୍ରତ ସମାପନ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ଶିବପଞ୍ଚାକ୍ଷର ପାଠ କରି ଅଖଣ୍ଡ ଦୀପ ଜଳାଇଥିଲେ। ସେହିପରି ସହରର ବାଦାମବାଡ଼ି ନ୍ୟୁ ଏଲଆଇସି କଲୋନୀସ୍ଥିତ ଆଖଣ୍ଡଳମଣୀ, ଦୋଳମୁଣ୍ଡାଇସ୍ଥିତ ହଟକେଶ୍ୱର, ଖାନନଗରସ୍ଥିତ ମଣିବାବା, ମଙ୍ଗଳାବାଗ ସ୍ଥିତ ବୈଦେଶ୍ୱର, ଖପୁରିଆ ଘାଟକୂଳସ୍ଥିତ ବଟେଶ୍ୱର, ପିଠାପୁର କେଦାରେଶ୍ୱର, ବଜ୍ରକବାଟୀରୋଡ଼ ସ୍ଥିତ ଚନ୍ଦ୍ରଶେଖର, ସାଆନ୍ତସାହି ନିଳକଣ୍ଠେଶ୍ୱର, ପୁରୀଘାଟ ଖରାଖିଆ ମହାଦେବ, ଫୁଲନଖରାସ୍ଥିତ ଲକ୍ଷେଶ୍ୱର, ଗଙ୍ଗେଶ୍ୱର, ତେଲେଙ୍ଗାବଜାରର ଚନ୍ଦ୍ରଶେଖର, ଫ୍ରେଣ୍ଡସ କଲୋନୀର ସର୍ପେଶ୍ୱର, ରିଙ୍ଗରୋଡର ଅଷ୍ଟଶମ୍ଭୁ, ଖାନନଗରସ୍ଥ ଉତ୍ତରେଶ୍ୱର ମହାଦେବ ଆଦି ଶୈବପୀଠ ସମେତ ଅନ୍ୟାନ୍ୟ ଶୈବ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶୈବପୀଠମାନଙ୍କରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଧୂପ ଦୀପ ଦେଇ ମନ୍ଦିରରେ ମହାଦେବଙ୍କୁ ଆରଧନା କରି ଶିବଲିଙ୍ଗରେ ଜଳାଭିଷେକ କରିଥିଲେ।

ଶୈବପୀଠଗୁଡ଼ିକରେ ଭିଡ଼କୁ ନଜରରେ ରଖି ବିଭିନ୍ନ ଅପ୍ରିତିକର ପରିସ୍ଥିତି ଓ ବିଶୃଙ୍ଖଳାକୁ ଏଡାଇବା ପାଇଁ କମିସନରେଟ ଅଞ୍ଚଳରେ ଥିବା ସମସ୍ତ ଶିବ ମନ୍ଦିରରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ୧୩ ପ୍ଲାଟୁନ୍‌ରୁ ଅଧିକ ଫୋର୍ସ ସହିତ ମୁତୟନ ସାଙ୍ଗକୁ ଲୁଟିଆଙ୍କୁ ଠାବ କରିବା ପାଇଁ ସାଧାପୋଷାକଧାରୀ ପୁଲିସ (ଉଭୟ ପୁରୁଷ ଓ ମହିଳା) ଅଫିସର ଓ କର୍ମଚାରୀ ମୁତୟନ ରହିଥିଲେ। ଏହାଛଡ଼ା ସମ୍ପୃକ୍ତ ଅଞ୍ଚଳର ଥାନାଗୁଡିକ ପକ୍ଷରୁ କଡ଼ାକଡ଼ି ଭାବେ ୨୪ଘଣ୍ଟିଆ ପାଟ୍ରୋଲିଂ କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା।





### କୁନି କୁନି ପିଲାଙ୍କ ନିଆରା ଶିବରାତ୍ରି

## ବରଫରେ ଜ୍ୟୋତିର୍ଲିଙ୍ଗ ସ୍ଥାପନ କରି ଜଣାଇଲେ ଭକ୍ତି

**କଟକ, ୧୫।୨(ସମିସ):** ପବିତ୍ର ମହାଶିବରାତ୍ରି ଅବସରରେ କଟକ ଗଙ୍ଗାମନ୍ଦିର ସିଂହ ଭବନ ପରିସରରେ ଏକ ଭକ୍ତିମୟ ତଥା ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କୁନି କୁନି ଝିଅମାନେ ଏକାଠି ହୋଇ ବରଫରେ ଦେବ ଦେବ ମହାଦେବଙ୍କ ଏକ ସୁନ୍ଦର ଜ୍ୟୋତିର୍ଲିଙ୍ଗ ସ୍ଥାପନା କରିଛନ୍ତି। ଏହି ବରଫ ନିର୍ମିତ ଲିଙ୍ଗକୁ ରୁଦ୍ରାକ୍ଷମାଳା, ପୁଷ୍ପ ମାଳ ଓ ଚନ୍ଦନରେ ସୁସଜ୍ଜିତ କରାଯିବା ସହ ଶାସ୍ତ୍ରୀୟ ରୀତିମତେ ନୈବେଦ୍ୟ ଓ ଭୋଗ ଅର୍ପଣ କରାଯାଇଥିଲା। ବିଗତ ପାଞ୍ଚ ବର୍ଷ ଧରି ପିଲାମାନେ ପ୍ରତ୍ୟେକ ଶିବରାତ୍ରିରେ ଏଭଳି ଅଭିନବ ପ୍ରୟାସ ଜାରି ରଖିଛନ୍ତି, ଯାହା ସମଗ୍ର ଅଞ୍ଚଳବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି



କାର୍ଯ୍ୟକ୍ରମରେ ସଂଘମିତ୍ରା ବେହେରା, ସୁପ୍ରିୟା ନାଥ, ଖୁସବୁ ଶର୍ମା, ତନୀସକା ଶର୍ମା, ଜିଜ୍ଞାସା ବେହେରାଙ୍କ ସମେତ ଅନ୍ୟାନ୍ୟ ପିଲାମାନେ ସାମିଲ ହୋଇ ଶିବ ଭକ୍ତିରେ ମଜି ରହିଥିଲେ। ପିଲାମାନଙ୍କ ମଧ୍ୟରେ ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକତା ଜାଗ୍ରତ କରିବା ପାଇଁ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଚିତ୍ରକଳା ମହୋତ୍ସବ

କଟକ, ୧୫।୨(ସମିସ): ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ 'ଚିତ୍ରକଳା ମହୋତ୍ସବ ୨୦୨୬' ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କଟକ ଜିଲ୍ଲାର ବହୁ ଶିଶୁ ଶିଳ୍ପୀ ଯୋଗଦେଇ ନିଜ ତୁଳୀ ଓ ଜଳରଙ୍ଗ ମାଧ୍ୟମରେ ପ୍ରଭୁ ଶିବଙ୍କର ବିଭିନ୍ନ ରୂପକୁ କାନ୍‌ଭାସ୍‌ରେ ଜୀବନ୍ତ କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ରେଡ୍‌କ୍ରସ୍ ଆୱାରନେସ୍ କମିଟିର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବିଶ୍ୱାଳ ସଭାପତିତ୍ୱ କରି ଶିଶୁ ଶିଳ୍ପୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ପାର୍କ

### ଶିଶୁ ଶିଳ୍ପୀଙ୍କ ତୁଳୀରେ ଜୀବନ୍ତ ହେଲେ ମହାଦେବ

ଓ ପ୍ଲାଣ୍ଟେସନ କମିଟିର ଅଧ୍ୟକ୍ଷା ମୋନାଲିସା ଦାସ, ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ସୁମିତ୍ରା ବସ୍ତିଆ ଓ ବନଲତା ପ୍ରଧାନ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିଳ୍ପୀ ସଞ୍ଜୀବ ବିଶ୍ୱାଳ ଶିଶୁ ଶିଳ୍ପୀଙ୍କ ଚିତ୍ରକଳାର ଉଚ୍ଚ ପ୍ରଶଂସା କରିଥିବା ବେଳେ ସୌମ୍ୟଜିତ ରାୟଙ୍କୁ 'ଶିଶୁ ପ୍ରତିଭା ପୁରସ୍କାର' ପ୍ରଦାନ କରାଯାଇଥିଲା। ଧର୍ମପଦ ପୁରସ୍କାର ପ୍ରାପ୍ତ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପୂର୍ବରୁ ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ପ୍ରତିଯୋଗିତାର ୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଳ୍ପୀ ଯଶସ୍ୱୀ ମହାପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





"ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସର୍ଜନାର ଅନନ୍ୟ କଣ୍ଠଶିଳ୍ପୀ ହେଉଛନ୍ତି ଗୀତା। ମାଇକ୍ ଆଗରେ ସେ ଯେଉଁ ଗୀତ ଗାଉଥିଲେ ତାହା ହିଟ୍ ହେଉଥିଲା। ଆକାଶବାଣୀ ହେଉ ଦୂରଦର୍ଶନ, ସିନେମା ହେଉ କି ଆଲବମ୍..କ୍ୟାସେଟ୍, ସିଡି, ମେମୋରି ଚିପ୍ ଠାରୁ ଆରମ୍ଭ କରି ଅନଲାଇନ୍ ଷ୍ଟ୍ରିମିଂର ବିଭିନ୍ନ ପ୍ଲାଟଫର୍ମରେ ଗୀତାଙ୍କ ସଙ୍ଗୀତ କାଳଜୟୀ ହୋଇ ରହିଛି...ରହିବ...। ସଙ୍ଗୀତ ପରିବେଷଣରେ ଭାବ ଓ ଆବେଗକୁ ତୋଳି ଧରି ଓଡ଼ିଆ ଶ୍ରୋତାଙ୍କ କାନରେ ଗୀତର ଅପୂର୍ବ ମୂର୍ଚ୍ଛନା ତଥା ମୁଖଡା ଓ ଅନ୍ତରା ଶୁଣାଇ ସେ ଆଜି ଚିର ଅମର। ତାଙ୍କର ଅବର୍ତ୍ତମାନରେ ଓଡ଼ିଆ କଳା, ସାହିତ୍ୟ ଓ ସଙ୍ଗୀତଜଗତରେ ହୋଇଛି ଅପୂରଣୀୟ କ୍ଷତି"

### ଚିରନିଦ୍ରାରେ ପ୍ରଚ୍ଛଦପଟ୍ଟ ଗାୟିକା

# ଉଡ଼ିଗଲା ଗୀତାଙ୍କ 'ଜୀବନ ପକ୍ଷୀ'




କଟକ, ୧୫ ।୨(ସମିସ)

ଫୁର୍ କିନା ଉଡ଼ିଗଲା ବଣି...ଫର୍ କିନା ଉଡ଼ିଗଲା କାନୀ..କିଆବୁଦା ମୂଳେ ଜଗି ବସିଥିଲା...ରସିକିଆ ଟୋକା ବେଇମାନୀ..ବଡ଼ ବେଇମାନୀ.. ଅକ୍ଷୟ ମହାନ୍ତିଙ୍କ ଏହି ସଙ୍ଗୀତ ଓ ଗୀତକୁ ନିଜର ଚମତ୍କାର ସ୍ୱରରେ ଜୀବନ ଦେଇଥିବା ଗୀତା ପଟ୍ଟନାୟକଙ୍କ ଜୀବନ ପକ୍ଷୀ ଅଫେରା ରାଇଜକୁ ଫୁର୍ କିନା ଉଡ଼ିଯାଇଛି। ଯେଉଁ ରାଇଜରୁ ଆଉ ଫେରିବା ଅସମ୍ଭବ। ଗୀତା ଗୁରୁତର ଭାବେ ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଆଜି ସନ୍ଧ୍ୟା ୬ଟା୧୮ରେ ତାଙ୍କର ପରଲୋକ ଘଟିଛି। ଓଡ଼ିଆ ସଙ୍ଗୀତଜଗତ ପୂର୍ବରୁ ଚିର ସବୁଜ ଅକ୍ଷୟଙ୍କୁ ହରାଇଥôବା ଥିବା ବେଳେ ଆଜି ଗୀତାଙ୍କୁ ହରାଇ ଦେଇଛି। ଗୋଟିଏ ଯୁଗ ତଥା ଗୀତା'ଙ୍କ ସଙ୍ଗୀତ ଯୁଗର ପରିସମାପ୍ତି ଘଟିଛି।

'ଯାଯାବର' ସିନେମାର ଫୁର୍ କିନା ଉଡ଼ିଗଲା ବଣି ହେଉ କି 'ନାଗଫାସ'ର ନଦୀ ଫେରେ ସାଗର ହେଉ, 'ତଅପୋଇ' ଚଳଚ୍ଚିତ୍ରର ଭିଣେଇ ବାବୁ ଭିଣେଇ ବାବୁ ଗୀତ ହେଉ କି 'ଆହୁତି' ଫିଲ୍ମର ହୃଦୟକୁ କରିଦିଅ ପାନ୍ଥଶାଳା...ଅଦିନ ମେଘ ସିନେମାର ଏଇ ଆମରି ଗାଁ, 'ସଂସାର' ଫିଲ୍ମର ଆଲୋ କଳାଶାରୀ କିଏ ତୋ ଶୁଆ, 'ଅଶାନ୍ତ ଗ୍ରହ'ର ବିଶ୍ୱଦେଖ ମଧୁମୟରେ ଜୀବନ ଏବଂ 'ଅକ୍ଷୟ ତୃତୀୟ' ଫିଲ୍ମର ଆ'ବଉଳ ବୋହୂ ବୋହୂକା ଖେଳ ଖେଳିବା ଗୀତ..ଏମିତି ଶହ ଶହ ହିଟ୍ ନମ୍ବର ଭେଟି ଦେଇଥିଲେ ଓଡ଼ିଆ ସଙ୍ଗୀତଜଗତର ପ୍ରଚ୍ଛଦପଟ୍ଟଗାୟିକା ଗୀତା ପଟ୍ଟନାୟକ। 'ଅଶାନ୍ତ ଗ୍ରହ'ର ବିଶ୍ୱଦେଖ ମଧୁମୟରେ ଜୀବନ ଗୀତ ପାଇଁ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଆଜକୁ ଠିକ୍ ୫ମାସ ପୂର୍ବରୁ ତାଙ୍କ ବଡ଼ ଭଉଣୀ ଇନ୍ଦିରାଙ୍କ ଦେହାନ୍ତ ପରେ ଗୀତା ମାନସିକସ୍ତରରେ ଭାଙ୍ଗି



ପଡ଼ିଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ହାସଲ କରିଥିବା ଏହି ଯଶସ୍ୱୀ କଣ୍ଠଶିଳ୍ପୀ ଗୁରୁ କ୍ଷିତୀଶଚନ୍ଦ୍ର ମୈତ୍ରଙ୍କ ଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସଙ୍କ ସହିତ ଯା'ଯାରେ ଭାସି ଭାସି ଯା ନଉକା ମୋର ଭାସିଯା..ମହାନଦୀର ନୀଳ ଢ଼େଉରେ ନାଚି ନାଚି ତୁ ଭାସିଯା'..ଭଳି ଗୀତରେ ମିଳିତ କଣ୍ଠଦାନ କରି ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ସେହିପରି ଯାଜାବର ଚଳଚ୍ଚିତ୍ରରେ ଅକ୍ଷୟ ମହାନ୍ତି ଓ ଗୀତାଙ୍କ ଦ୍ୱୈତ ସଙ୍ଗୀତ ଦନେଇ ଦାସ କହେରେ ଭାଇ ବେଶ୍ ଲୋକପ୍ରିୟତା ସାଉଁଟିଥିଲା। ଗୀତାଙ୍କ ନିଜସ୍ୱ ଲୋକପ୍ରିୟ ସଙ୍ଗୀତ ମଧ୍ୟରେ ନଦୀ ତ ନେଇଛି ତା'ର ଆପଣାର ଗତି, ମନ ମୋର ପଦ୍ମପତ୍ର ସମ, ନଦୀ ଫେରେ ସାଗରକୁ ପକ୍ଷୀ ଫେରେ ନୀଡ଼େ, ଯଉତୁକ ନବ ଚଢ଼ା, ଆହା ଡଙ୍ଗାରେ ବସିଗଲେ, ମୋ ଦେହରେ ବୋଳି ଦିଅ ରଙ୍ଗ ହଳଦୀ, ତୋର ମୋର କଥା ହେବା ଚୁପ୍ ଚାପ୍, ସବୁଦୀପ ଲିଭିଗଲା ପରେ ଓ ଏଇ ଆମରି ଗାଁ ଗୀତ ସଙ୍ଗୀତ ପ୍ରେମୀ ସ୍ରୋତାଙ୍କ ଚିର କାଳ ପାଇଁ ବାନ୍ଧି ରଖିଛି। ଗୀତାଙ୍କ ସଙ୍ଗୀତର ଯାଦୁରେ କୋଟି କୋଟି ଓଡ଼ିଆ ଝୁମି ଆସୁଥିଲେ। ଆଜି ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ସଙ୍ଗୀତଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। କଟକ ସହର ହେଉଛି ଗୀତାଙ୍କ ପ୍ରିୟ ସହର। ଏହି ସହରରୁ ତାଙ୍କର ସଙ୍ଗୀତର ଯାତ୍ରା ଆରମ୍ଭ ହୋଇ ଶେଷ ହୋଇଛି। ତାଙ୍କ ବାପା ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ମାଆ ହେମଲତା ପଟ୍ଟନାୟକ ମାର୍ଗଦର୍ଶନରେ ଗୀତା ସଙ୍ଗୀତର ଶିଖରକୁ ଛୁଇଁ ପାରିଥିଲେ। ତାଙ୍କ ବାପା ଜଣେ ଏଗ୍ରିକଲଚର ଇଞ୍ଜିନିୟର ଥିଲେ। ତାଙ୍କ ଜେଜେ ବାପା ପ୍ରଥମେ ଓଡ଼ିଶାରେ ଫୁଟବଲ ମ୍ୟାଚ ଆରମ୍ଭ କରିଥିଲେ। କଟକସ୍ଥିତ ସତ୍ୟବ୍ରତ ଷ୍ଟାଡ଼ିୟମ ମଧ୍ୟ ତାଙ୍କ ଜେଜେ ବାପାଙ୍କ ନାମରେ ନାମିତ ହୋଇଥିଲା। ଐତିହାସିକ କଟକ ସହରକୁ ନେଇ ଏଭଳି ହଜାର ହଜାର ସ୍ମୃତି ଗୀତାଙ୍କର ରହିଛି।

ନୀଜର ସଙ୍ଗୀତ ସାଧାନ ପାଇଁ ଗୀତା ଶତାଧିକ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇ ପାରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ଓଡ଼ିଶା ଗୀତିକବି ସମ୍ମାନ, ଅକ୍ଷୟ ସ୍ମୃତି ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ନିଖିଳ ଉତ୍କଳ ଶିଳ୍ପୀ ପରିଷଦ ସମ୍ମାନ, ଓଡ଼ିଶା ସିନେ କ୍ରିଟିକ୍ ସମ୍ମାନ, ବାଣୀଚିତ୍ର ସିନେ ସମ୍ମାନ ଏବଂ ପ୍ରାଣନାଥ ସମ୍ମାନ ଭଳି ଶତାଧିକ ସମ୍ମାନରେ ଗୀତା ସମ୍ମାନୀତ ହୋଇଥିଲେ।

### ଗଭୀର ବ୍ୟକ୍ତିଗତ ଶୂନ୍ୟତା: ବର୍ଷା ପ୍ରିୟଦର୍ଶିନୀ



ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ମଧୁର କଣ୍ଠସ୍ୱର କେବଳ ସଙ୍ଗୀତ ନୁହେଁ, ଅନେକ ହୃଦୟର ଭାବନା ଓ ସ୍ମୃତି ସହ ଜଡ଼ିତ ଥିଲା। ତାଙ୍କ ସ୍ୱରର ଆତ୍ମୀୟତା, ପ୍ରତ୍ୟେକ ଶ୍ରୋତାଙ୍କ ମନକୁ ସ୍ୱର୍ଶ କରିଥିଲା। ତାଙ୍କ ବିୟୋଗ କେବଳ ସଙ୍ଗୀତ ଜଗତର ଅପୂରଣୀୟ କ୍ଷତି ନୁହେଁ, ଆମ ସମସ୍ତଙ୍କ ପାଇଁ ଏକ ଗଭୀର ବ୍ୟକ୍ତିଗତ ଶୂନ୍ୟତା। ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହି ଦୁଃଖଦ ମୁହୂର୍ତ୍ତରେ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଓମ୍ ଶାନ୍ତି।

### ସଙ୍ଗୀତଜଗତର ଅପୂରଣୀୟ କ୍ଷତି: ଅରୁଣ ମନ୍ତ୍ରୀ



ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ ସଙ୍ଗୀତଜଗତକୁ ଏକ ଅପୂରଣୀୟ କ୍ଷତି ଦେଇଛି। ଯାହାକି ପୂରଣ ହେବା ଅସମ୍ଭବ। ଗୀତା ଅପା' ପ୍ରଥମେ ରେଡ଼ିଓରୁ ଲତା ମଙ୍ଗେସକରଙ୍କ ଗୀତ ଶୁଣି ନିଜେ ନିଜେ ଗାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଗୀତ ଶିଖୁଥିଲେ। ଦିନେ ସେ ତା ସାଙ୍ଗରେ ଯାଇ ଗୁରୁଙ୍କ ନିକଟରେ ଗୀତ ଗାଇଲେ। ତାଙ୍କୁ ଗୁରୁ କହିଲେ ତୁ ଭଲ ଗାଉଛୁ-ଅଭ୍ୟାସ କଲେ ନିଶ୍ଚିତ ଭଲ ହେବ। ସେବେଠାରୁ ଗୀତାଙ୍କର ବଢ଼ିଯାଇଥିଲା ସଙ୍ଗୀତ ଆଗ୍ରହ। ଆଉ ଅପା' ପଛକୁ ଫେରି ଚାହିଁ ନ ଥିଲେ। ହିଟ୍ ପରେ ହିଟ୍ ଗୀତ ଭେଟି ଦେଇ ଚାଲିଥିଲେ।

### ଆଉ ମିଳିବ ନାହିଁ ଗୀତାଙ୍କ ସଙ୍ଗୀତ: ବିଜୟ ମଲ୍ଲ



ସେ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ପ୍ରଥମେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏହା ପରେ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜାଣିଥିଲି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଥଲେ। ହେଲେ ହଠାତ୍ ଏଭଳି ଘଟିଯିବ ବୋଲି ବିଶ୍ୱାସ କରି ହେଉ ନାହିଁ। ମହାନ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ସହିତ ଅନେକ ସ୍ମୃତି ରହିଛି। କେବଳ ଏତିକି କହିବି ଆଉ ମିଳିବ ନାହିଁ ଗୀତାଙ୍କ ସଙ୍ଗୀତ।

### ତାଙ୍କ ସଙ୍ଗୀତ ଚିରକାଳ ଅମର: ମୋହିତ୍ ଚକ୍ରବର୍ତ୍ତୀ



ସେ ୧୯୭୦ ମସିହାରୁ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ହୋଇ ନିଜର ମଧୁର ସ୍ୱର ପାଇଁ ଘରେ ଘରେ ପରିଚିତ ହୋଇଥିଲେ। ବିଶେଷ କରି ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ତାଙ୍କର ଅନେକ ଡୁଏଟ୍ ଗୀତ ଆଜି ମଧ୍ୟ ଶ୍ରୋତାଙ୍କ ମନରେ ସତେଜ ରହିଛି। ଫୁର୍ କିନା ଉଡ଼ିଗଲା ବଣି, ଏମିତି ପୁଅକୁ ମୁଁ ବାହା ହୁଅନ୍ତି, ବାହା ମୁଁ ହେବି, ଏବଂ ମୋ ଦେହରେ ଭଳି ଅନେକ କାଳଜୟୀ ଗୀତ ଗାଇ ସେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିଛନ୍ତି। ଆଜି ସେ ସମସ୍ତଙ୍କୁ ଲୁହରେ ଭିଜାଇ ପର କରି ଆର ପାରିକୁ ଚାଲିଯାଇଛନ୍ତି। ତାଙ୍କର ବିୟୋଗରେ ସଙ୍ଗୀତ ଓ କଳା ଜଗତର ଅପୂରଣୀୟ କ୍ଷତି ଘଟିଛି। ସେ ସିନା ଆମକୁ ଛାଡ଼ି ଚାଲିଯାଇଛନ୍ତି, ତାଙ୍କ ଅବର୍ତ୍ତମାନରେ ତାଙ୍କ ସଙ୍ଗୀତ ତାଙ୍କୁ ଚିରକାଳ ଅମର ରଖିବ।

## କଟକ ଜିଲ୍ଲାରେ ମହାଶିବରାତ୍ରୀ ଉତ୍ସବ

# 'ହର ହର ମହାଦେବ' ଧ୍ୱନିରେ କମ୍ପୁଛି ଶୈବପୀଠ

ଆକାଶରେ ଶିବମୟ ଅନୁଭୂତି ଏବଂ ବାୟୁରେ ଶୁଭ୍ର କର୍ପୁରର ସୁବାସ । ପବିତ୍ର 'ମହାଶିବରାତ୍ରୀ' ଅବସରରେ କଟକ ଜିଲ୍ଲାର ଆଧ୍ୟାତ୍ମିକ ପରିବେଶ ଆଜି ଏକ ଭବ୍ୟ ରୂପ ଧାରଣ କରିଛି । କେଉଁଠି ବାବା ଧବଳେଶ୍ୱରଙ୍କ ଜଳବେଷ୍ଟିତ ପୀଠରେ ଶ୍ରଦ୍ଧାଳୁଙ୍କ ଆକୁଳ ନିବେଦନ ତ ପୁଣି କେଉଁଠି ପରମହଂସନାଥଙ୍କ ମନ୍ଦିରରେ ମହାଦେବଙ୍କ ରୁଦ୍ରାଭିଷେକ । ମହାନଦୀ କୂଳଠାରୁ ଆରମ୍ଭ କରି କାଠଯୋଡ଼ିର ଶାନ୍ତ ପରିବେଶ ପର୍ଯ୍ୟନ୍ତ, ପ୍ରତିଟି ଶୈବପୀଠ ଆଜି ଶିବ-ଶକ୍ତିଙ୍କ ଅପୂର୍ବ ମିଳନର ସାକ୍ଷୀ ପାଲଟିଛି । ହାତରେ ଜଳଥାଳି ଏବଂ ମନରେ ଅତୁଟ ବିଶ୍ୱାସ ନେଇ ଭକ୍ତଟିଏ ବର୍ଷକର ଅପେକ୍ଷା ପରେ ଆଜି ପ୍ରଭୁଙ୍କ ମହାଦୀପ ଦର୍ଶନ ପାଇଁ ଉଜାଗର ରହିଛି । ଶଙ୍ଖ, ଘଣ୍ଟ ଏବଂ "ଓଁ ନମଃ ଶିବାୟ" ମନ୍ତ୍ରର ଗୁଞ୍ଜରଣରେ ସାରା ଜିଲ୍ଲା ଏବେ କୈଳାସପୁରୀର ଭ୍ରମ ସୃଷ୍ଟି କରୁଛି ।



ନିଶ୍ଚିନ୍ତକୋଇଲି,୧୫।୨(ସମିସ)

ପବିତ୍ର ଜାଗର ଉତ୍ସବ ଓ ଶିବରାତ୍ରି ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ଏହି ଅବସରରେ ପ୍ରତ୍ୟୁଷରୁ ଭକ୍ତମାନେ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିରରେ ଗହଳି ଲଗାଇଛନ୍ତି । ଜାଗରରେ ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି । ବହୁ ଭକ୍ତ ଦୀପ ଲଗାଇ ଶିବଙ୍କର ସହସ୍ରନାମ ଜପ କରିଛନ୍ତି । ଏହି ଅବସରରେ ପାଟପୁରଠାରେ ଥିବା ଶଙ୍କରେଶ୍ୱର ମହାରୁଦ୍ରଙ୍କ ଜାଗର ମହୋତ୍ସବ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ କରାଯାଇଛି । ଭୋରରୁ ସମସ୍ତ ନିତୀକାନ୍ତି ସହ ବାଲଭୋଗ ଅର୍ପଣ ପରେ ଭକ୍ତମାନଙ୍କୁ ଦର୍ଶନର ସୁବିଧା ମିଳିଥିଲା । ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଜଳାଭିଷେକ କରାଯାଇଥିବା ବେଳେ ସଂଧ୍ୟା ୬ଟାରେ ପ୍ରଭୁଙ୍କ ବେଢା ପରିକ୍ରମା ଓ ସଂଧ୍ୟା ଆଳତି, ରାତ୍ର ୯ଟାରେ ଚତୁର୍ଦ୍ଦଶୀ ଦୀପ ଉଠାଣ ହେବା ପରେ ଶଙ୍କରେଶ୍ୱରଙ୍କ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରାତ୍ର ୧୧ଟାରେ ମହାଦୀପ ଉଠାଯାଇଥିଲା । ସାରା ଦିନ ବ୍ୟାପୀ ମହାଦୀପ ଉଠିଲା ପର୍ଯ୍ୟନ୍ତ ଏହି ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ବରପଡାଠାରେ ଥିବା ସୋମନାଥ ମନ୍ଦିରରେ ଜାଗର ମହୋତ୍ସବର ନୀତିକାନ୍ତି ଅନୁଷ୍ଠିତ ହୋଇଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏହାଛଡା ବାଣୀନଗରଠାରେ ଥିବା ପ୍ରଭୁ ଶକ୍ତିଶ୍ୱର, ନତକାଇର ବାଙ୍କେଶ୍ୱର, ବଡକ୍ଷୀରର କ୍ଷୀରେଶ୍ୱର, ଓଥକାର ସିଦ୍ଧେଶ୍ୱର, ବରାଦୋର ବେଲେଶ୍ୱର, କଟରପଡାର ସ୍ୱପ୍ନେଶ୍ୱର, ବରପଡା ବାଲୁଙ୍କେଶ୍ୱର, ବାଲିଆପଦାରେ ଭୋଳେଶ୍ୱର, କେନ୍ଦୁପାଟଣା ଶରେଶ୍ୱର, ସାନ୍ତପୁର ବକ୍ରେଶ୍ୱର, ଭଗବାନପୁର ଅନନ୍ତେଶ୍ୱର, କାଶୀପୁରର ମୁକ୍ତେଶ୍ୱର ଆଦି ବହୁ ଶୈବପୀଠରେ ଜାଗର ମହୋତ୍ସବ ସମାରୋହରେ ପାଳିତ ହୋଇଥିଲା ।



## ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ





ଆଠଗଡ଼,୧୫।୨(ସମିସ): ମହାଶିବରାତ୍ରୀ ଜାଗର ଓଷା ପରିପ୍ରେକ୍ଷୀରେ ଆଠଗଡ ଅଞ୍ଚଳର ତଥା ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ମନ୍ଦିରରେ ଭୋର ୪ଟାରୁ ମନ୍ଦିର ପହୁଡ ଖୋଲିଥିଲା । ପବିତ୍ର ମହାନଦୀରୁ ୧୦୮ ଗରା ପାଣିରେ ବାବାଙ୍କୁ ସ୍ନାନ କରାଯାଇ ମଙ୍ଗଳ ଆଳତି, ମଇଲମ ଲାଗି ପରେ ସକାଳ ଧୂପ ସମର୍ପଣ କରାଯାଇଥିଲା । ଭୋର ସମୟରୁ ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଦର୍ଶନ କରିଥିଲେ । ଦିନତମାମ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ଲାଭ କରିଥିଲେ । ଅପରାହ୍ନରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ମନ୍ଦିର ବେଢାରେ ଜାଗର ଦୀପ ଜାଳିଥିଲେ । ଆଠଗଡ ପ୍ରଶାସନ ତଥା ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସନ୍ଧ୍ୟା ଆଳତି ପରେ ବାବାଙ୍କ ପ୍ରାୟ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୧୦ଟା ବେଳକୁ ମହାଦୀପ ଉଠିଥିଲା । ବ୍ରତ ଧାରଣ ତଥା କାଷ୍ଠା ଉପବାସ ରଖିଥିବା ବ୍ରତଧାରୀମାନେ ମନ୍ଦିର ଦଧିନଉତି ଉପରକୁ ମହାଦୀପ ଉଠିଲା ପରେ ବ୍ରତ ଉଦଯାପନ ସହ ପଣା ପାଇଥିଲେ । ସେହିପରି ଅନ୍ୟତମ ଶୈବପୀଠ ସର୍ପେଶ୍ୱର, ଗୌଡ଼ଝରୀ ଶିବ ମନ୍ଦିର, କନ୍ତୋଲର ଭୁବନେଶ୍ୱର, ବିଶ୍ୱନାଥେଶ୍ୱର, ଆଠଗଡର କାଶୀ ବିଶ୍ୱନାଥ, ସ୍ୱପ୍ନେଶ୍ୱର, ବଡ଼ ପୋଖରୀ ନାଥେଶ୍ୱର, ରାଧାଗୋବିନ୍ଦପୁରର ରାମେଶ୍ୱର, ବୀରକିଶୋରପୁର ମହାଦେବ ମନ୍ଦିର ସମେତ ଗ୍ରାମାଞ୍ଚଳର ସମସ୍ତ ଶୈବପୀଠରେ ଏହି ଉତ୍ସବ ସମ୍ପନ୍ନ ହୋଇଥିଲା । ସମସ୍ତ ଶୈବ ପୀଠରେ ମନ୍ଦିର ପରିଚାଳନା ପକ୍ଷରୁ ଭଜନ କୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।



### ଟାଙ୍ଗୀ

ପବିତ୍ର ମହାଶିବରାତ୍ରୀ ତଥା ଜାଗର ଉପଲକ୍ଷେ ଟାଙ୍ଗୀ ଅଞ୍ଚଳରେ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇଉଠିଛି । ଟାଙ୍ଗୀ କୋଟେଶ୍ୱର ମନ୍ଦିର, କଡ଼େଇ ଝାଡେଶ୍ୱର, ସଫା ଓ ହଳଦୀବସନ୍ତ ସିଦ୍ଧେଶ୍ୱର, ଭଗତପୁର ଓ ନେଳିଆ ନୀଳକଣ୍ଠେଶ୍ୱର, କମଙ୍ଗ ପରମେଶ୍ୱର ତଥା ବିଭିନ୍ନ ଗ୍ରାମରେ ଥିବା ଶୈବପୀଠରେ ଦିନରେ ଅଭିଷେକ, ସନ୍ଧ୍ୟାରେ ଆଳତୀ ଏବଂ ରାତ୍ରିରେ ରାତ୍ର ୧୦ଟା ପରେ ଜନଗହଳି ମଧ୍ୟରେ ମହାଦୀପ ମନ୍ଦିର ଉପରକୁ ଉଠିଥିବା ଜାଣିବାକୁ ମିଳିଛି ।

### ତିଗିରିଆ



ତିଗିରିଆ ବ୍ଲକ ନିଜିଗଡ ଥାନା ଛକସ୍ଥିତ ବ୍ରହ୍ମେଶ୍ୱର, ଗଦାଧରପୁର ପଞ୍ଚାୟତ ଅଧୀନ ମାନପୁର ଗ୍ରାମରେ ବିଜେ କପିଳେଶ୍ୱର ମହାଦେବ, ବଡନାଉପୁଟ ପଞ୍ଚାୟତ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ, ବାଲିପୁଟ ପଞ୍ଚାୟତସ୍ଥିତ ବାଣେଶ୍ୱର ମହାଦେବ, ନିଜିଗଡ଼ ପଞ୍ଚାୟତ ସ୍ଥିତ ଶଙ୍କରେଶ୍ୱର ମହାଦେବ, ଅଚଳକୋଟ ପଞ୍ଚାୟତ ସ୍ଥିତ ମଲ୍ଲିକାନାଥ ଦେବ, ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ପଞ୍ଚାନନେଶ୍ୱର ଦେବଙ୍କ ପୀଠ ସହ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ଥିବା ଶୈବ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଜାଗର ଯାତ୍ରା ପାଇଁ ସମସ୍ତ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ମଧ୍ୟ ରାତ୍ରରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଥିଲା । ଏହି ଜାଗର ଉତ୍ସବ ଅବସରରେ ବାଲିପୁଟ ଓ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବାଣେଶ୍ୱର ମହାଦେବଙ୍କ ପୀଠରେ ସକାଳେ ମାଘ ସ୍ନାନ, ପରେ ବାଳ ଭୋଗ, ଶଙ୍ଖୁଡ଼ି ଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ଦ୍ୱିପ୍ରହରରେ ଧୂପ ସହ ରାତ୍ରରେ ଚାରି ପହରିଆ ଭୋଗ ନୀତି ଅନୁଷ୍ଠିତ ହୋଇଥିବା ଜଣାପଡିଛି । ଆଜି ଜାଗର ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ବାଣେଶ୍ୱର ଦେବଙ୍କର ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଥିବା ମନ୍ଦିରର ମୁଖ୍ୟପୂଜକ ପ୍ରଭାକର ରଣା ସୂଚନା ଦେଇଛନ୍ତି । ସେହିପରି ମନ୍ଦିର ପରିସରରେ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରମୁଖ ଶୈବପୀଠରେ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି ।

### ନରସିଂହପୁର



ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ମାଳିସାହି ଗ୍ରାମରେ ମୁକ୍ତାନାଥଙ୍କ ପୀଠରେ ପବିତ୍ର ଜାଗର ଯାତ୍ରା ପାଳିତ ହୋଇଯାଇଛି । ଭୋର ୫ ଘଟିକାରୁ ଟଭା, ଚୁଆ ଏବଂ ଖିରରେ ମହାଦେବଙ୍କ ସ୍ନାନ କରାଯାଇଥିଲା ଏବଂ ୧୨ରେ ଠାକୁରଙ୍କ ପାଖରେ ଶଙ୍କୁଡ଼ି ଭୋଗ କରାଯିବା ପରେ ଭକ୍ତମାନଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା । ସନ୍ଧ୍ୟା ୫ରେ ଧୂପ, ଦୀପ ଜାଳି ଭକ୍ତମାନେ ମନ୍ଦିର ଚାରି ପାଖରେ ବୁଲିଥିଲେ । ରାତ୍ର ୪ଟା ସମୟରେ ମହାଦୀପ ଉଠିଥିଲା । ଜାଗର ଯାତ୍ରା ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଥିବା ମଣ୍ଡପ ଠାରେ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଜନ ସମାରୋହକୁ ବହୁ ସଂଖ୍ୟାରେ ଭକ୍ତ ଉପଭୋଗ କରିଥିଲେ ।

### ସାଲେପୁର



ପବିତ୍ର ମହାଶିବରାତ୍ରୀ ଅବସରରେ ସକାଳୁ ଭକ୍ତମାନେ ଦେବାଧିଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ କୃପା ଲାଭ କରିଛନ୍ତି । ଏହି ଅବସରରେ ମାନସିକଧାରୀମାନେ ଉପବାସ ରହି ପ୍ରଭୁ ଭୋଳାନାଥଙ୍କ ନିକଟରେ ଜାଗର ଜାଳି ନିଜ ଓ ନିଜ ପରିବାରର ଶୁଭକାମନା କରିଥିଲେ । ସାଲେପୁରର ଚାଟେଶ୍ୱର ମହାଦେବ, କଳାଗ୍ନୀ ମହାଦେବ, ଚନ୍ଦ୍ରଶେଖର, ବଟେଶ୍ୱର, ବିଶେଶ୍ୱର, ବିପ୍ରେଶ୍ୱର ମହାଦେବ, ରୋଧପୁର ଶିବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

### ପରମହଂସ ମନ୍ଦିର



କନ୍ଦରପୁର: କଟକ ସଦର ଅନ୍ତର୍ଗତ ପରମହଂସ ଠାରେ ମହାପ୍ରଭୁ ଶ୍ରୀ ପରମହଂସ ମହାରାଜଙ୍କ ମହାଶିବରାତ୍ରି ଆଜି ସମସ୍ତ ରୀତିନୀତି ସହ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ୩ ଟାରୁ ଶ୍ରୀ ଦେବଙ୍କ ପହଡ଼ ଖୋଲାଯାଇ ସ୍ନାନ ମାର୍ଜନା ସହ ବାଲ୍ୟ ଭୋଗ କରାଯାଇଥିବା ବେଳେ, ସକାଳ ୬ରେ ସକାଳ ଧୂପ, ୬.୪୫ରେ ମଧ୍ୟାହ୍ନ ଧୂପ ପରେ ପହଡ଼ ପଡ଼ିଥିଲା । ସକାଳ ୭.୩୦ ମିନିଟରୁ ଭକ୍ତ ମାନଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୬.୧୫ରେ ସନ୍ଧ୍ୟା ଆଳତି ସହ ଦର୍ଶନ ଚାଲୁ ରହିଥିଲା । ରାତ୍ର ୧୨ଟା ୩୦ରୁ ମନ୍ଦିର ବନ୍ଦ ରହି ମନ୍ଦିର ଶୁଦ୍ଧି ହୋଇଥିଲା ବେଳେ ରାତ୍ର ପ୍ରାୟ ୨ଟାରୁ ବେଢ଼ା ପରିକ୍ରମା, ଅଭିଷେକ, ହରିହର ଭେଟ ସହ ଭକ୍ତଙ୍କ ଦର୍ଶନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ରାତ୍ର ୪ଟାରେ ମହାଦୀପ ଆଳତି ସହ ୪.୩୦ରେ ମନ୍ଦିରକୁ ମହାଦୀପ ଉଠିଥିଲା । ଉକ୍ତ କାର୍ଯ୍ୟକ୍ରମରେ ତ୍ରିଲୋଚନ ପଣ୍ଡା, ମାନସ ପଣ୍ଡା, ଅରୁଣ ଦାଶ, ଜଗନ୍ନାଥ ପଣ୍ଡା ପ୍ରମୁଖ ପଣ୍ଡା ମାନେ ଶାନ୍ତିର ସହ ସମସ୍ତ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ବିଜେଡିର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଷ୍ଣୁପ୍ରିୟା ସେବା ସମିତିର ସଭାପତି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇଥିବା ବେଳେ ବହୁ ଭକ୍ତମାନଙ୍କ ଭିଡ଼ ସହିତ "ହର ହର ମହାଦେବ' ଧ୍ୱନିରେ ପରିବେଶ ଉଲ୍ଲସିତ ହୋଇ ଉଠିଥିଲା ।

### ବଡମ୍ବା



ମହାଶିବ ରାତ୍ରୀ ଜାଗର ପାଇଁ କଟକ ଜିଲ୍ଲା ବଡମ୍ବାର ପ୍ରସିଦ୍ଧ ବାବା ସିଂହନାଥଙ୍କ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି । ହରହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି ପରିବେଶ । ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ବାବାଙ୍କ ଦର୍ଶନ କରିଛନ୍ତି । ରାତ୍ର ୧୦ଟାରେ ବାବାଙ୍କ ପୀଠରେ ୧୦୮ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୀଠକୁ ଭକ୍ତଙ୍କ ସୁଅ ଛୁଟିଛି । ବାବାଙ୍କ ପ୍ରସିଦ୍ଧ ବାଲି ମକର ଯାତ୍ରା ଏବଂ ଜାଗରକୁ ଦୃଷ୍ଟିରେ ରଖି ଟି-ସେତୁରେ ଭିଡ଼ କମାଇବା ପାଇଁ ଗୋପୀନାଥପୁର ପଟୁ ହୋଇଥିବା ଅସ୍ଥାୟୀ କାଠ ପୋଲକୁ ଭାଙ୍ଗି ଦିଆଯାଇଥିବାରୁ ଶ୍ରଦ୍ଧାଳୁମାନେ ଟି-ସେତୁ ଦେଇ ପୀଠକୁ ଯାତୟାତ କରୁଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୀଠରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୀଠରେ ଆଠଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବଡମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକଙ୍କ ସହିତ ୨ ପ୍ଲାଟୁନ ପୁଲିସ ଫୋର୍ସ ପୀଠରେ ମୁତୟନ କରାଯାଇଛି । ଯେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପୀଠରେ ଦମକଳ ଏବଂ ଓଡ୍ରାଫ ଟିମ ସଜାଗ ରହିଛନ୍ତି । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଟି ସେତୁରୁ ପୀଠକୁ ସମ୍ପୂର୍ଣ୍ଣ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଭିଡକୁ ଦୃଷ୍ଟିରେ ରଖି ସେତୁ ଉପରେ ଗାଡି ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ସେହିପରି ବଡ଼ମ୍ବାର ନୀଳକଣ୍ଠେଶ୍ୱର ମହାଦେବ, ବଡ଼ଙ୍କମ୍ବିଲୋ ଖରାଖିଆ ମହାଦେବ, ରତାପାଟ ବାସୁଦେବ, ବିଶ୍ୱନାଥପୁର ସ୍ୱପ୍ନେଶ୍ୱର ମହାଦେବ, ବେଲିଆପାଳ ଧବଳେଶ୍ୱର ମହାଦେବ, ଗୋପପୁର ବାଲୁଙ୍କେଶ୍ୱର ମହାଦେବ, ସୁନାପାଳ କୋଲେଶ୍ୱର ମହାଦେବ, ମଙ୍ଗରାଜପୁର ଲଡୁକେଶ୍ୱର ମହାଦେବ, ମୁଗଗହୀର ସୋମନାଥ ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଛି ।

## ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଆଠଗଡ,୧୫।୨(ସମିସ)

ଆଠଗଡ ବ୍ଲକ ବେଣ୍ଟପଦାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଅବସରରେ ୪୮ତମ ଅଷ୍ଟପ୍ରହର ନାମଯଜ୍ଞ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଶନିବାର କଳସ ଯାତ୍ରା ଓ ଶୁଭାଧିବାସ ପରେ ରବିବାର ପବିତ୍ର ମହାଶିବରାତ୍ରି ଓ ଜାଗର ଅବସରରେ ନାମଯଜ୍ଞ, ସଂକୀର୍ତ୍ତନ ଓ ବେଢା ପରିକ୍ରମା ସମ୍ପନ୍ନ ହୋଇଥିଲା । ସୋମବାର ନଗରକୀର୍ତ୍ତନ, ଦହିହାଣ୍ଡି ଭଗ୍ନ ସହିତ ଭକ୍ତି ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଛି । ବଢେଇଜଳନ୍ଧା, ପର୍ଶୁରାମପୁର, ହରିଡାଗହିର, ବଡମ୍ବାର କନ୍ତପଡା, ଖଣ୍ଡପଡା ସିଧାମୂଳା ଏବଂ ତିଗିରିଆର ଚଷାଆଁରାର ମହିଳା ଓ ପୁରୁଷ ଦଳ ଅହୋରାତ୍ର ସଂକୀର୍ତ୍ତନ ପରିବେଷଣ କରିଥିଲେ । ପୁରୋଧା ଭାବେ ପ୍ରମୋଦ ମିଶ୍ର ଓ ଗଗନ ବିହାରୀ ମହାପାତ୍ର ସମସ୍ତ ପୂଜାନୀତି ସମ୍ପନ୍ନ କରିଥିଲେ । ଶ୍ରୀ ବାଲୁଙ୍କେଶ୍ୱର ଆଞ୍ଚଳିକ ଯୁବ ମହାସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ବିପିନ ବିହାରୀ ମହାପାତ୍ର, ସଂପାଦକ ବନମାଳୀ ସାହୁ, ଉପସଭାପତି ହରିହର ସାହୁ, ଅଧିକାରୀ ପ୍ରମୋଦ ଚନ୍ଦ୍ର ସାହୁ, ପ୍ରଦୀପ ସାହୁ, ଅକ୍ଷୟ ସାହୁ, ବିଶ୍ୱନାଥ ସାହୁ, ଦୁର୍ଗା ପ୍ରସାଦ ମହାପାତ୍ର, ଦ୍ୱିଜବର ସାହୁ, ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଣ୍ଟପଦା ଓ ଆଖପାଖ ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା ।



## ଦୀପରୁ ନିଆଁ ଲାଗି ମହିଳା ଆହତ

ତିଗିରିଆ,୧୫।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ କପିଳେଶ୍ୱର ଦେବଙ୍କ ପବିତ୍ର ଜାଗର ଯାତ୍ରା ସମୟରେ ଏକ ଦୁଃଖଦ ଅଘଟଣ ଘଟିଛି । ମନ୍ଦିରକୁ ଦୀପ ଜାଳିବାକୁ ଆସିଥିବା ଜଣେ ମହିଳା ଦୀପ ନିଆଁରେ ପୋଡ଼ି ହୋଇ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ମାଣିଆବନ୍ଧ ଥାନା ଅନ୍ତର୍ଗତ କଙ୍କଡ଼ାଯୋଡ଼ି ଗ୍ରାମର ଉକ୍ତ ମହିଳା ଜଣକ ଦିନ ସମୟରେ ମନ୍ଦିରକୁ ଦୀପ ଜାଳିବା ପାଇଁ ଆସିଥିଲେ । ମାତ୍ର ଦୀପ ଜାଳି ମନ୍ଦିରରୁ ବାହାରକୁ ଫେରୁଥିବା ସମୟରେ ହଠାତ୍ ତାଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଯୋଗୁଁ ମହିଳାଙ୍କ ପିନ୍ଧିଥିବା ଶାଢ଼ୀଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ତାଙ୍କ ଶରୀରର ବିଭିନ୍ନ ଅଂଶରେ ଆଘାତ ଲାଗିଛି । ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଜାଗର ପରି ଶୁଭ ଅବସରରେ ଏଭଳି ଅପ୍ରୀତିକର ପରିସ୍ଥିତି ଶ୍ରଦ୍ଧାଳୁଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳାଇ ଦେଇଥିଲା ।

## ଆଠଗଡ଼ରେ ରାଜନୈତିକ ଟଣାଓଟରା

# ୧୫୬ ପ୍ରକଳ୍ପକୁ ମିଳୁନି ଅନୁଦାନ; ଉନ୍ନୟନ କାର୍ଯ୍ୟ ଠପ୍

- ବିକଶିତ ଗାଁ ଯୋଜନାରେ ବାଧା
- ଗତ ବର୍ଷର ୩୨ ପ୍ରକଳ୍ପ ଅଧପନ୍ତରିଆ
- ଚଳିତ ବର୍ଷ ପାଇଁ ମଞ୍ଜୁର ହୋଇନି ଗୋଟିଏ ବି ଟଙ୍କା

ଆଠଗଡ଼,୧୫ା୨(ସମିସ):

ରାଜ୍ୟ ରାଜନୀତିରେ କ୍ଷମତା ପରିବର୍ତ୍ତନ ପରେ ଏହାର ପ୍ରଭାବ ଏବେ ଆଠଗଡ଼ ବ୍ଲକର ବିକାଶ ଉପରେ ପଡ଼ିଛି। ରାଜନୈତିକ ବଳ କଷାକଷି ଯୋଗୁଁ ଆଠଗଡ଼ ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ବିଶେଷ କରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚିହ୍ନଟ ହୋଇଥିବା ୧୫୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ଅନୁଦାନ ମଞ୍ଜୁର ହୋଇପାରି ନାହିଁ। ଫଳରେ ଗାଁ ଗହଳିର ବିକାଶମୂଳକ କାର୍ଯ୍ୟଗୁଡ଼ିକ ଆରମ୍ଭ ହୋଇପାରୁ ନାହିଁ। ଗତ ପଞ୍ଚାୟତ ସମିତି ବୈଠକରେ ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସମୟରେ ବିଭାଗୀୟ ବିଫଳତାର ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୮୦ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୧୬ଟି କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ୩୨ଟି ପ୍ରକଳ୍ପ ଆଦୌ ଆରମ୍ଭ ହୋଇପାରି ନାହିଁ। ଏଥିସହ ନିର୍ବାଚିତ ଜନପ୍ରତିନିଧିଙ୍କ ଅଜାଣତରେ ୬ଟି ପ୍ରକଳ୍ପକୁ ବଦଳାଇ ଦିଆଯାଇଥିବା ଭଳି ଗମ୍ଭୀର ଅଭିଯୋଗ ମଧ୍ୟ ଉଠିଛି। ୩ କୋଟି ୫୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଧ୍ୟରୁ ମାତ୍ର ୭୨ ପ୍ରତିଶତ ଅର୍ଥ ବିନିଯୋଗ ହୋଇପାରିଛି। ଆଠଗଡ଼ ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିଜେପି ସରକାର ଥିବା ବେଳେ ପଞ୍ଚାୟତସ୍ତରରେ ବିଜେଡିର ଜନପ୍ରତିନିଧି ବହୁ ସଂଖ୍ୟାରେ ରହିଛନ୍ତି। ଏହି ରାଜନୈତିକ ଟଣାଓଟରା ଯୋଗୁଁ ସରକାର ଅନୁଦାନ ପ୍ରଦାନରେ ପାତରଅନ୍ତର କରୁଛନ୍ତି। "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଆଠଗଡ଼ରେ ବାଟବଣା ହୋଇଥିବା ବେଳେ ଏକଦା ଉନ୍ନୟନ କାର୍ଯ୍ୟରେ ଅଗ୍ରଣୀ ଥିବା ଏହି ବ୍ଲକ ଏବେ ପଛରେ ପଡ଼ିଯାଇଛି। ନୂଆ ଆର୍ଥିକ ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ବି ଟଙ୍କା ନ ଆସିବା ସାଧାରଣ ଲୋକଙ୍କ ପାଇଁ ଦୁର୍ଭାଗ୍ୟଜନକ ପାଲଟିଛି। ରାଜନୈତିକ ବିବାଦ କାରଣରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ, ପାନୀୟଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରଭାବିତ ହେଉଛି। ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଅଟକି ରହିଥିବା ଅନୁଦାନ ଯୋଗାଇଦେବାକୁ ଦାବି ହୋଇଛି।



ବସନ୍ତ ପବନରେ ଝୁଲୁଛି ଆମ୍ବ ବଉଳ; ମହମହ ବାସନାରେ ମହକୁଛି ଚତୁର୍ଦ୍ଦିଗ

## ବନପାଳଙ୍କ କାର୍ଯ୍ୟାଳୟରେ ଜଳିଗଲା ଗୁରୁତ୍ୱପୂର୍ଣ୍ଣ କାଗଜ

ବାରଙ୍ଗ,୧୫ ।୨(ସମିସ): ଶନିବାର ବିଳମ୍ବିତ ରାତିରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପ୍ରଶାସନିକ କାର୍ଯ୍ୟାଳୟର ଜନ୍ତୁବିଭାଗ ପରିଚାଳନା ଦାୟିତ୍ୱରେ ରହୁଥିବା ବନପାଳଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ଏସି, ଫ୍ୟାନ ସହ କିଛି ଇଲୋକ୍ଟ୍ରନିକ ସାମଗ୍ରୀ, ଅନେକ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡିଯାଇଛି। ସୌଭାଗ୍ୟବଶତଃ ପାଖରେ ଥିବା ଦୁଇଟି ଅଧିକାରୀଙ୍କ କାର୍ଯ୍ୟାଳୟ ନିଆଁ କବଳରୁ ବର୍ତ୍ତି ଯାଇଛି। ନିଆ ଲାଗିବାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି। ତେବେ ରବିବାର ସକାଳେ ସଫେଇ କର୍ମଚାରୀମାନେ ସଫା କରିବା ପାଇଁ ଉକ୍ତ କାର୍ଯ୍ୟାଳୟ ଖୋଲିବା ପରେ ବନପାଳଙ୍କ କାର୍ଯ୍ୟାଳୟ ନିଆଁ ଲାଗି ଲିଭିଯାଇଥିବାର ଜଣାପଡିଥିଲା। ଅନ୍ୟପଟେ, ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ନନ୍ଦନକାନନ ଜନ୍ତୁ ବିଭାଗ ଏସିଏଫ ରୁଦ୍ରପ୍ରସାଦ ରଥ ସୂଚନା ଦେଇଛନ୍ତି।

## ଅଷ୍ଟଶମ୍ଭୁ ପୀଠ ଦର୍ଶନ କଲେ ଡ୍ରିମ୍ସ ଅଧକ୍ଷ

କଟକ,୧୫ା୨(ସମିସ): ପବିତ୍ର ମହାଶିବ ରାତ୍ରୀ ଓ ଜାଗର ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଟାଙ୍ଗୀ ଓ ସାଲେପୁର ଅଞ୍ଚଳରେ ଥିବା ଅଷ୍ଟଶମ୍ଭୁ ପୀଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଟାଙ୍ଗୀର ଆରାଧ୍ୟ ଶ୍ରୀ କୋଟେଶ୍ୱର ମହାଦେବ ଓ ବାଣେଶ୍ୱର, କିସିନାପୁରର ପୁରାଣ ପ୍ରସିଦ୍ଧ ଶ୍ରୀ ଚାଟେଶ୍ୱର, ସଉରୀର କାମେଶ୍ୱର, ରାମକୃଷ୍ଣପୁରର ପୁରାତନ ପୀଠ ଶ୍ରୀ ସାମେଶ୍ୱର, ଦୁର୍ଗାପୁରର ବାବା ଆଖଣ୍ଡଳମଣି, କଡେଇର ବାବା ଝାଡେଶ୍ୱର ଓ ବନ୍ଧାଳର ବାବା ବଟେଶ୍ୱର ମହାଦେବଙ୍କୁ ସେ ଦର୍ଶନ ସହ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ମନ୍ଦିରର ପୂଜକ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଠାକୁରଙ୍କ ଜାଗର ନୀତିକାନ୍ତି ସଂପର୍କରେ ଡ. ରଥଙ୍କୁ ଅବଗତ କରାଯିବା ସହ ସମ୍ମାନିତ କରାଯାଇଥିଲା। 'ଡ୍ରିମ୍ସ'ର ସହଅଧକ୍ଷ ଇଂ



ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଶାନ୍ତନୁ କୁମାର ଶତପଥୀ, ଅଶୋକ ଦାଶ, ଶିବପ୍ରସାଦ ରଥ, ରମେଶ ବେହେରା, ଜଗବନ୍ଧୁ ସାହୁ, ରବିନ୍ଦ୍ର ନାଥ ଲେଙ୍କାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ ଓ ଦୀପଦାନ କରିଥିଲେ।

## ଗୀତା ପଟ୍ଟନାୟକଙ୍କ ବିୟୋଗରେ ଶୋକ

କଟକ,୧୫ା୨(ସମିସ): ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଏକ ଶୋକ ବାର୍ତ୍ତାରେ ପରଲୋକଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଏହା ଓଡ଼ିଶା ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ସ୍ୱର୍ଗତ ପଟ୍ଟନାୟକଙ୍କ କଣ୍ଠମାଧୁର୍ଯ୍ୟ ସର୍ବଦା ଶ୍ରୋତାଙ୍କ ମନରେ ଜୀବନ୍ତ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁଃଖଦ ସମୟରେ ଡାକ୍ତର ସାହୁ ଶୋକାକୂଳ ପରିବାରବର୍ଗଙ୍କୁ ନିଜର ଗଭୀର ସମବେଦନା ଜଣାଇଛନ୍ତି।

## କଟକ କଲେଜ ରେଡ୍‌କ୍ରସ୍ ପକ୍ଷରୁ ସେବା ଶିବିର



କଟକ,୧୫ା୨(ସମିସ): ପବିତ୍ର ମହା ଶିବରାତ୍ରୀ ଅବସରରେ କଟକ କଲେଜ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଅଧକ୍ଷା ଡ. ଶୁଭଦର୍ଶିନୀ ମହାନ୍ତିଙ୍କ ଅନୁମୋଦନ କ୍ରମେ ନୂଆ ବଜାର ଅନ୍ତର୍ଗତ ଶ୍ରୀ ଶ୍ରୀ ବେଲେଶ୍ୱର ମନ୍ଦିରରେ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଚିନ୍ମୟ ଦାସ, ରେଡକ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ମଣ୍ଟୁ ଜେନା, ଅଧ୍ୟାପକ ଡ. ଦେବେନ୍ଦ୍ର କୁମାର ଓଝା ଓ ଆର୍‌ଆର୍‌ସି ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ସାମାଜିକ ସେବା ଶିବିରରେ ରେଡ୍ କ୍ରସ୍ ୟୁନିଟ୍ ସଦସ୍ୟ ମାନେ ଦର୍ଶନାର୍ଥୀ ମାନଙ୍କୁ ଦହି ଓ ପାନୀୟ ଜଳ ବଣ୍ଟନ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ସହାୟତା ସମେତ ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବରିଷ୍ଠ ରେଡକ୍ରସ୍ ସଦସ୍ୟ ସତ୍ୟବ୍ରତ ପାଣିଗ୍ରାହୀ, ରାଜୀବ ସ୍ୱାଇଁ ଓ ହିତେଶ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ■ ରାମକୃଷ୍ଣ ନନ୍ଦଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ

## ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟଙ୍କୁ 'ପ୍ରତିଭା ସମ୍ମାନ'



କଣ୍ଟାପଡ଼ା,୧୫ା୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ବାଇରୋଇ ଗ୍ରାମସ୍ଥିତ ସୌଦାମିନୀ ପାଠାଗାର ପରିସରରେ ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ୧୨୦ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଏବଂ ଡ. ତ୍ରିନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଲସିଂହ, କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଓ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଗତ ନନ୍ଦଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଷଦର ସ୍ମରଣିକା "ସୌଦାମିନୀ' ସମେତ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀଙ୍କ "କାୟାସ୍ୱର୍ଣ୍ଣ', ସଂଯୁକ୍ତା ବେହେରାଙ୍କ "ଅକୁହା କଥା', ରମାକାନ୍ତ ସ୍ୱାଇଁଙ୍କ "ଯାଜ୍ଞସେନୀର ଜିଜ୍ଞାସା', ସୁରେନ୍ଦ୍ର ଛୋଟରାୟଙ୍କ "ଦିବ୍ୟ ଦର୍ଶନ' ଏବଂ ଡ଼. ତ୍ରିନାଥ ପଟ୍ଟନାୟକଙ୍କ ସମ୍ପାଦିତ "ଅସୀମା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟଙ୍କୁ "ରାମକୃଷ୍ଣ ନନ୍ଦ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସମ୍ପାଦକ ପ୍ରକାଶ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ସାହିତ୍ୟାନୁରାଗୀ ସହଯୋଗ କରିଥିଲେ।

### ● ଗୋପାଳପୁରରେ ହାତୀ ଆତଙ୍କ

## ବ୍ୟାପକ ଫସଲ ନଷ୍ଟ; ଚାଷୀ ଅସନ୍ତୋଷ



ବଡମ୍ବା,୧୫ା୨(ସମିସ): ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳ ଅଧୀନ ଗୋପପୁର ରେଞ୍ଜରେ ଗତ କିଛି ଦିନ ହେବ ଏକ ଦନ୍ତା ହାତୀର ପ୍ରାଦୁର୍ଭାବ ଯୋଗୁଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୨ ତାରିଖରୁ ଏହି ଦନ୍ତା ହାତୀଟି ଗୋଠମୁଣ୍ଡିଆ ପାହାଡ଼ ତଳେ ଥିବା ଜମିଗୁଡ଼ିକରେ ପଶି କୋଳଥ, ଚଣା ଓ ପିଆଜ ଚାଷ ନଷ୍ଟ କରିବା ସହିତ ପ୍ରାୟ ୨୦୦ରୁ ଅଧିକ କଦଳୀ ଗଛ ଦଳି ଚକଟି ଦେଇଛି। ଗୋପାଳପୁର, ଅମାନ୍ତିଆ, ଡମଣଗାଡ଼ିଆ ଓ ରତାପାଟ ଅଞ୍ଚଳର ବହୁ ଚାଷୀଙ୍କ ମକା ସମେତ ବିଭିନ୍ନ ରବି ଫସଲ ହାତୀ ଆକ୍ରମଣରେ ଉଜୁଡ଼ି ଯାଇଛି। ହାତୀ ଭୟରେ ଅଞ୍ଚଳବାସୀ ଏବେ ଗାଁରେ ରହିବାକୁ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ବାରମ୍ବାର ଫସଲ ନଷ୍ଟ ହେବା ନେଇ ଚାଷୀମାନେ ଅଭିଯୋଗ କରୁଥିଲେ ହେଁ ସ୍ଥାନୀୟ ବନ ବିଭାଗ କୌଣସି ଠୋସ୍ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗ ପକ୍ଷରୁ ହାତୀ ଜଗୁଆଳି ନିୟୋଜିତ ହୋଇଥିଲେ ମଧ୍ୟ ସେମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ହାତୀକୁ ଘଉଡ଼ାଇବାରେ ବିଭାଗ ବିଫଳ ହୋଇଛି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ସହ ହାତୀ ଘଉଡ଼ାଇବା ପାଇଁ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ● ଏସ୍‌ସିବି ମେଡିକାଲରୁ ଗାଡ଼ି ଚୋରି

## ଚୋର ଗିରଫ: ୪ ଗାଡ଼ି ଜବତ

କଟକ,୧୫ ।୨(ସମିସ): ଏସ୍‌ସିବି ମେଡିକାଲରୁ ଗାଡି ଚୋରାଇବା ଉଦ୍ୟମ ବେଳେ ଜଣେ ପେସାଦାର ଚୋରକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ବିଡାନାସୀ ଥାନା ଅନ୍ତର୍ଗତ ସେଲଟର ଛକ ନିକଟ ଜଗନ୍ନାଥ ସାହିର ଆବିଦ ଖାନ(୩୬)। ତା' ପାଖରୁ ୪ଟା ଦୁଇ ଚକିଆ ଚୋରା ଗାଡ଼ି, ଗୋଟିଏ ମୋବାଇଲ ଓ ଦୁଇଟି ମାଷ୍ଟର ଚାବି ଜବତ କରାଯାଇଛି।

ମାହାଙ୍ଗା ବାଲିତୋଟା ଗାଁର ମକର ସାହୁ ଏସସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଓଟିରେ କାର୍ଯ୍ୟ କରନ୍ତି। ସବୁଦିନ ଭଳି ଗତ ୧୧ ତାରିଖ ସକାଳେ ସେ ଡ୍ୟୁଟିକୁ ଆସିଥିଲେ। ନିଜର ବାଇକକୁ ବିଭାଗର ପାର୍କିଂରେ ରଖିଥିଲେ। କିଛି ଘଣ୍ଟା ପରେ ଡ୍ୟୁଟି ସାରି ପାର୍କିଂକୁ ଆସି ଦେଖିଲେଯେ, ଗାଡି ନାହିଁ। ଅଭିଯୋଗ ପରେ ମଙ୍ଗଳାବାଗ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ମେଡିକାଲ ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଜଣେ ସନ୍ଦିଗ୍ଧକୁ ଚିହ୍ନଟ କରିଥିଲା। ଅଭିଯୁକ୍ତ ମୁହଁ ଘୋଡାଇଥିବାରୁ ତାକୁ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ଏହାମଧ୍ୟରେ ରବିବାର ପୂର୍ବାହ୍ନରେ ମେଡିକାଲ ପରିସରରେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିବା ସିସିଟିଭିରେ ଦେଖିବାକୁ ମିଳିଲା। ସନ୍ଦିଗ୍ଧ ଯୁବକ ମେଡିକାଲର କୌଣସି ୱାର୍ଡ ଭିତରକୁ ନଯାଇ ପାର୍କିଂ ସ୍ଥାନଗୁଡିକରେ ଏକୁଟିଆ ବୁଲୁଥିବା ଦେଖାଗଲା। ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ତୁରନ୍ତ ପୁରୁଣା ମେଡିସିନ ୱାର୍ଡ ପାର୍କିଂରେ ପହଞ୍ଚି ଅଭିଯୁକ୍ତକୁ ମାଡିବସିଥିଲେ। ସେ ସମୟରେ ଆବିଦ ଅନ୍ୟ ଏକ ଗାଡିର ତାଲା ଖୋଲିବାକୁ ଉଦ୍ୟମ କରୁଥିଲା। ତଲାସୀ ନେବାରୁ ତା' ପାଖରୁ ୨ଟି ମାଷ୍ଟର ଚାବି ମିଳିଥିଲା। ଥାନାକୁ ଧରିଆଣି ଜେରା କରିବାରୁ ଆବିଦ ଜଣେ ପେସାଦାର ଚୋର ବୋଲି ଜଣାପଡିଛି। ନିୟମିତ ବ୍ୟବଧାନରେ ସେ ଏସସିବି ମେଡିକାଲକୁ ଆସି ଲୋକଙ୍କ ବ୍ୟସ୍ତତାର ସୁଯୋଗ ନେଇ ଗାଡି ଚୋରାଇ ନେଉଥିଲା। ଗତ ୧୧ ତାରିଖରେ ମେଡିକାଲ କର୍ମଚାରୀ ମକରଙ୍କ ଗାଡି ମଧ୍ୟ ଚୋରାଇଥିବା ନେଇ ଆବିଦ ସ୍ୱୀକାର କରିଥିଲା। ପୂର୍ବରୁ ତା' ନାମରେ ବିଡାନାସୀ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି।

## ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ସେବାକାର୍ଯ୍ୟ



କଟକ,୧୫ା୨(ସମିସ): ରବିବାର ସ୍ଥାନୀୟ ଚହଟେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ଅଜୟ କୁମାର ସେନାପତିଙ୍କ ଆମନ୍ତ୍ରଣ କ୍ରମେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ନିର୍ଦ୍ଦେଶକ୍ରମେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭାରତ ସ୍କାଉଟ୍ସ ଓ ଗାଇଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନ୍ଦିର ପ୍ରାଙ୍ଗଣରେ ସେବା କାର୍ଯ୍ୟ କରାଯାଇଛି। ଛାତ୍ରଛାତ୍ରୀମାନେ ଭକ୍ତମାନଙ୍କୁ ମନ୍ଦିର ମଧ୍ୟକୁ ଧାଡିରେ ଛାଡିବା ସହ ମନ୍ଦିର ପରିସରକୁ ପରିଷ୍କାର କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍କାଉଟ୍ସ ଓ ଗାଇଡର ରାଜ୍ୟ କୋଷାଧକ୍ଷ ଭବାନୀ ପ୍ରସାଦ ମିଶ୍ର ଓ ମନ୍ଦିରର କର୍ମକର୍ତ୍ତାମାନେ ଛାତ୍ରଛାତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସ୍କାଉଟ୍ସ ମାଷ୍ଟର ଅଜୟ ଜଟ, ନୀଳମଣି ବିଶ୍ୱାଳ ଓ ଗାଇଡ କ୍ୟାପଟେନ୍ ସ୍ନେହଲତା ବେହେରା ଓ କିରଣବାଳା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କେନାଲରେ ଦୂଷିତ ପାଣି; ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

### ● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସାଲେପୁର,୧୫ ।୨(ସମିସ): ଡ୍ରେନେଜ ମାଧ୍ୟମରେ ସାଲେପୁର ସହରର ଆବର୍ଜନା ପାଣି ଯାଉଥିବାବେଳେ ଆବର୍ଜନା ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହି ଆବର୍ଜନା ପାଣି ଗୁଡିକ ଚାଷ ଜମି ଦେଇ ଯାଇଥିବା କାଡ଼ା କେନାଲରେ ପଡିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସାଲେପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ସାଲେପୁର ସହରର ଦୂଷିତ ଆବର୍ଜନା ପାଣି ଡ୍ରେନେଜ ଦେଇ ଲୁଣାହାର ଅଞ୍ଚଳର ଚାଷ ଜମିକୁ ଜଳସେଚନ ପାଇଁ ଥିବା କାଡ଼ା କେନାଲରେ ପଡିଥିବାରୁ ଡ୍ରେନେଜ୍ ପାଣି ଗୁଡିକ କାଡ଼ାରେ ପଡି ଚାଷ ଜମିରେ ମାଡୁଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆବର୍ଜନା ଦୂଷିତ ପାଣି ଚାଷ ଜମିରେ ମାଡ଼ିବାରୁ ଚାଷୀମାନେ ସଠିକ୍ ଭାବେ ଚାଷ କରିପାରୁନାହାଁନ୍ତି କି ଚାଷ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଏହି ସମସ୍ୟା ନେଇ ଏହି ଅଞ୍ଚଳର ଚାଷୀମାନେ ସାଲେପୁର ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଥିବା ଜଣାଯାଇଛି।

## ୧୯୮୨ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବଣଭୋଜି



ନିଶ୍ଚିନ୍ତକୋଇଲି,୧୫ା୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପାଟପୁରଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୨ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବଣଭୋଜି ଭିତରକନିକା ଜାତୀୟ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଛି। ପୁରାତନ ବିଦ୍ୟାର୍ଥୀ ଅଜୟ ରାଉତ, ଉତ୍ସବ ଚନ୍ଦ୍ର ଭଞ୍ଜ, ବାଣୀରଞ୍ଜନ ସାମଲ, ବୀଣାପାଣି ଦାସ, ସୁକାନ୍ତ ଶତପଥିଙ୍କ ସଂଯୋଜନାରେ ଏଥିରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାଣୀ ରଞ୍ଜନ ସାମଲଙ୍କର ପୌରହିତ୍ୟରେ ଆୟୋଜିତ ଏକ ସମାବେଶରେ ନିରଞ୍ଜନ ପଣ୍ଡା, ହେମନ୍ତ ଦାସ, ସୁଲୋଚନା ସେଠୀ, ରେବତୀ ରାଉତ, ବ୍ରହ୍ମାନନ୍ଦ ରାଉତ, ବାନାମ୍ବର ଦାସ, ଜଗବନ୍ଧୁ ଦାସ, କନକଲତା ରାଉତ, ସତ୍ୟାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ସତ୍ତା ହରାଉଛି ଜଳାଶୟ

- ପୁଣି ହାଇକୋର୍ଟରେ ହେବ ଶୁଣାଣି
- ବେଆଇନ ପୋତା ପାଇଁ ଜଳବନ୍ଦୀ ସମସ୍ୟା

କଟକ,୧୫ା୨(ସମିସ):

କଟକ ସହରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜଳାଶୟଗୁଡିକୁ ପୁନରୁଦ୍ଧାର କରିବା ପାଇଁ ଏପର୍ଯ୍ୟନ୍ତ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଜଳାଶୟଗୁଡିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଉଥିବା ନେଇ ଏକଦା ମହାନଗର ନିଗମ ପକ୍ଷରୁ ହାଇକୋର୍ଟଙ୍କୁ ବହୁ ପୂର୍ବରୁ ଅବଗତ କରାଯାଇଥିଲେ ବି ଏବେ ବି ୪୦ରୁ ଅଧିକ ପ୍ରାଚୀନ ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସେହିଭଳି ଜଳାଶୟଗୁଡିକ ଅନେକାଂଶରେ ସହର ଜଳମଗ୍ନ ହେବାର କାରଣ ବୋଲି ବିବେଚନା କରାଯାଉଛି। ଏବେ ପୁଣି ଏହି ପ୍ରସଂଗ ହାଇକୋର୍ଟରେ ଶୁଣାଣି ହେବ ବୋଲି ଧାର୍ଯ୍ୟ କରାଯାଇଛି।

ଏକଦା ୧୪୬୬ଜଳାଶୟ ରହିଥିବା ବେଳେ ଏହା କାଳକ୍ରମେ କମି କମି ଚାଲିଥିଲା। ୯୦ଦଶକରେ ଯେଉଁଠି ମାତ୍ର ୪୨୪ ଜଳାଶୟ ଥିଲା। ୨୦୦୬ ବେଳକୁ ଏହା ୨୪୫କୁ ହ୍ରାସ ପାଇଥିଲା। ଏବେ ଏହା ୬୬ରେ ସୀମିତ ରହିଯାଇଛି; ଯେଉଁଗୁଡିକ ବ୍ୟବହାର ଅନୁପଯୋଗୀ। ୨୦ରୁ କିଛି କମ ବ୍ୟବହାର ଉପଯୋଗୀ ରହିଛି। ତଥ୍ୟ ଅନୁସାରେ, ଗତ ତିନି ଦଶନ୍ଧି ମଧ୍ୟରେ କଟକ ସହରରେ ପ୍ରାୟ ୩୦୦ରୁ ଅଧିକ ଜଳାଶୟ ସତ୍ତା ହରାଇଛି। ବେଆଇନ ଭାବେ ଜଳାଶୟ ପୋତା ଯାଇଥିବା ବେଳେ ବାକି ରହିଯାଇଥିବା ଜଳାଶୟ ଗୁଡିକର ପୁନରୁଦ୍ଧାର ଯୋଜନା ଅଧପନ୍ତରିଆ ହୋଇଛି। ଜଳାଶୟଗୁଡିକର ଶୋଚନୀୟ ସ୍ଥିତି ସମ୍ପର୍କରେ ହାଇକୋର୍ଟ ମଧ୍ୟ ଅତୀତରେ ଉଦବେଗ ପ୍ରକାଶ କରିଛନ୍ତି। ୨୦୧୨ରେ ଜଳାଶୟ କିସମ ଜମିକୁ ସଂରକ୍ଷିତ କରିବା ଓ ଏହାର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧକ୍ଷତାରେ ଏକ ଜଳାଶୟ କମିଟି ମଧ୍ୟ ଗଠନ ହୋଇ କାର୍ଯ୍ୟ କରୁଛି। ଏହି କମିଟି ହିଁ ଜଳାଶୟ କିସମ ପରିବର୍ତ୍ତନ ପାଇଁ ହେଉଥିବା ଆବେଦନର ବିଚାର କରିଥାଏ। ତେବେ କିସମ ପରିବର୍ତ୍ତନ ନହୋଇ କେତେକ ଜଳାଶୟ କିସମରେ ବେଆଇନ ନିର୍ମାଣ କାର୍ଯ୍ୟର ତଦନ୍ତ ହେଉ ନଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ୧୦ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ହାତଗଣତି ମାତ୍ର ୧୦-୧୨ଟି ଜଳାଶୟ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଥିଲା। ଗତ ୨୦୦୧ ମସିହା ପରଠାରୁ ମଧ୍ୟ ଜଳାଶୟ କିସମ ଜମିରେ ଉପରେ କୋ÷ଣସି ପ୍ରକାର ନିର୍ମାଣ ପାଇଁ ସିଡିଏ ଅନୁମତି ପ୍ରଦାନ କରୁନାହିଁ। ଏସବୁ ସତ୍ତ୍ୱେ ବେପରୁଆ ଭାବେ କଟକ ସହରର ଜଳାଶୟ କିସମ ଜମି ଉପରେ କୋଠାବାଡି ଛିଡା ହୋଇଥିଲା। ଜଳାଶୟଗୁଡିକ ପୋତାଯିବା ଜଳବନ୍ଦୀ ସମସ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଥିବା ବେଳେ ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟରେ ଗତ ୨୦୦୫ରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ୨୦୧୨ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁପାଳନ କରାଯାଉ ନଥିବା ନେଇ ୨୦୧୯ ରେ ମୈତ୍ରୀ ସଂସଦ ପକ୍ଷରୁ ଜଳଶୟ ପୁନରୁଦ୍ଧାର ପ୍ରସଙ୍ଗରେ ଆଉ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇ ହାଇକୋର୍ଟରେ ଶୁଣାଣି ହୋଇଆସୁଛି।

